# କେନ୍ଦୁଝର : ଜିଲ୍ଲା ପରିଷଦ ଅଧିବେଶନ ଅନୁଷ୍ଠିତ




କେନ୍ଦୁଝର, ତା ୧୯.୦୭.        କେନ୍ଦୁଝର ଜିଲ୍ଲା ଷଷ୍ଠ ଜିଲ୍ଲା ପରିଷଦର ପଂଚମ ଅଧିବେଶନ ଚଳିତ ଜୁଲାଇ ୧୯ ତାରିଖ ବୁଧବାର ଦିନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସାଗରିକା ସାହୁଙ୍କ ଅଧ୍ୟକ୍ଷତାରେ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଧିବେଶନରେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସାଂସଦ (ଲୋକସଭା) ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ  ବଦ୍ରିନାରାୟଣ ପାତ୍ର, ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ, ଜିଲ୍ଲାପାଳ ଆଶିଷ ଠାକରେ, ଉପାଧ୍ୟକ୍ଷ ଜିଲ୍ଲା ପରିଷଦ ସୋମନାଥ ଦାସ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ପରିଷଦର ସଦସ୍ୟ / ସଦସ୍ୟା, ପଂଚାୟତ ସମିତି ଅଧ୍ୟକ୍ଷ / ଅଧ୍ୟକ୍ଷା, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସାହୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଜିଲ୍ଲାର ସାମଗ୍ରିକ ବିକାଶ ସଂପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିବା ପାଇଁ ଜିଲ୍ଲା ପରିଷଦ ଅଧିବେଶନ ସୁଯୋଗ ଆଣିଛି । ଜିଲ୍ଲାରେ ଚାଲିଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସଠିକ୍ ରୂପାୟନ ହେଲେ ଜିଲ୍ଲାର ପ୍ରଭୂତ ଉନ୍ନତି ହୋଇପାରିବ ଏବଂ ଲୋକମାନେ ଉପକୃତ ହୋଇପାରିବେ । ଲୋକମାନଙ୍କର କାମ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ସବୁବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି । ଏଣୁ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ତୃଣମୂଳସ୍ତରରୁ ଉତମ ସମନ୍ୱୟ ରକ୍ଷା କରି ଜନସାଧାରଣଙ୍କ ହିତ ପାଇଁ କର୍ତବ୍ୟ ପାଳନ କରିବାକୁ ନିବେଦନ କରିଥିଲେ । ଏହି ଅଧିବେଶନରେ ଗତ ତା୦୯.୦୩.୨୦୨୩ରିଖରେ ଅନୁଷ୍ଠିତ ହୋଇଥିବା ବୈଠକ ବିବରଣୀର ଦୃଢୀକରଣ କରାଯାଇଥିଲା ଏବଂ ପୂର୍ବ ବୈଠକର ବିବରଣୀ ଉପରେ ଅନୁପାଳନର ସମୀକ୍ଷା କରାଯାଇଥିଲା । ଏହା ପରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରାଯାଇଥିଲା । ଖରିଫ ଋତୁ ଆରମ୍ଭ ହୋଇଯାଇଥିବା ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କାର୍ଯ୍ୟାବଳୀ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଜୁନ୍ ମାସଠାରୁ ଏଯାବତ୍ ହୋଇଥିବା ହାରାହାରି ବୃଷ୍ଟିପାତ ସଂପର୍କରେ ସମୀକ୍ଷା କରାଯାଇ ନିଅଂଟିଆ ବୃଷ୍ଟିପାତ ହୋଇଥିବା ଅଂଚଳରେ କିପରି ଚାଷ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ, ସେ ସଂପର୍କରେ ଆଲୋଚନା ହୋଇଥିଲା । ଚାଷୀମାନଙ୍କୁ ଯଥା ସମୟରେ ଧାନବିହନ, ଡି.ଏ.ପି., ପଟାସ ସାର, ୟୁରିଆ ସାର ଯୋଗାଇବା ପାଇଁ ବୈଠକର ଆଲୋଚନା ମତେ ଜିଲ୍ଲାପାଳ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ସାର ବିକ୍ରୟ କେନ୍ଦ୍ରମାନଙ୍କରେ ସାରର ଦାମ ସୂଚୀତ କରିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାରେ ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନା ମାଧ୍ୟରେ ଧାନ ଚାଷ ତଥା ଅନ୍ୟାନ୍ୟ ତୈଳବୀଜ ଜାତୀୟ ଚାଷ ଦ୍ୱାରା କିପରି ଚାଷୀମାନେ ଉପକୃତ ହୋଇପାରବେ ସେ ସଂପର୍କରେ ଆଲୋଚନା କରାଯାଇଥିଲା । ବିଶେଷ କରି ମାଣ୍ଡିଆ ଜାତୀୟ ପୃଷ୍ଟି ଶସ୍ୟରେ ଅଧିକ ଗୁଣବତା ଥିବାରୁ ଜିଲ୍ଲାରେ ମାଣ୍ଡିଆ

ଜାତୀୟ ଚାଷ ଉପରେ ଅଧିକ ପ୍ରୋତ୍ସାହନ ଦେବାକୁ ଓ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜଳ ବିଭାଜିକା ବିଭାଗର କାର୍ଯ୍ୟକ୍ରମ ସଂପର୍କରେ ବୈଠକରେ ସମୀକ୍ଷା କରାଯାଇ ବିଭିନ୍ନ ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଥିବା ଜଳ ଅମଳ ପ୍ରକଳ୍ପ, କାଜୁ ଚାଷ, କ୍ଷେତ ପୋଖରୀ, ଓମ୍ୟାଡିସି ଓ ଡି.ଏମ୍.ଏଫ୍. ଅନୁଦାନରେ ହାତକୁ ନିଆଯାଇଥିବା ପ୍ରକଳ୍ପ ଇତ୍ୟାଦି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଉପରେ ସମୀକ୍ଷା କରାଯାଇଥିଲା । ୨୦୨୩-୨୪ ବର୍ଷରେ କଫି ମିଶନ ଅନ୍ତର୍ଗତ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇ ବାଂଶପାଳ ବ୍ଲକ ଅଂଚଳ ସମେତ ଅନୁକୂଳ ପରିବେଶ ଥିବା ଅଂଚଳରେ କଫି ଚାଷ ସଂପ୍ରସାରଣ କରିବାକୁ ବିହିତ ପଦକ୍ଷେପ ନେବା ନିମନ୍ତେ ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମତ୍ସ୍ୟ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରକାର ଯାଆଁଳ ଉତ୍ପାଦନ, ଯାଆଁଳ ଯୋଗାଣ, ମତ୍ସ୍ୟ ଉତ୍ପାଦନ, ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଗ୍ରାମ ପଂଚାୟତ ପୋଖରୀରେ ମାଛ ଚାଷ, ମତ୍ସ୍ୟଜିବୀ ଓ ମତ୍ସ୍ୟ ଚାଷୀମାନଙ୍କ ପାଇଁ ଗୋଷ୍ଠୀ ଦୁର୍ଘଟଣା ବୀମା ଯୋଜନା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମତ୍ସ୍ୟ କାର୍ଯ୍ୟକ୍ରମ ଆବର୍ତନ ପାଣ୍ଠି, ମତ୍ସ୍ୟଜିବୀ ପରିବାରର ଦଶମ ଉତିର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ମେଧାବୃତି ପ୍ରଦାନ, କ୍ଷେତ ପୋଖରୀରେ ମାଛ ଚାଷ ସଂପର୍କରେ ସମୀକ୍ଷା କରାଯାଇ ଉପଯୁକ୍ତ ସମୟରେ ଚାଷୀମାନଙ୍କୁ ମାଛ ଯାଆଁଳ ଯୋଗାଇଦେବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଉଦ୍ୟାନ କୃଷି ବିଭାଗର ୨୦୨୩-୨୪ ବର୍ଷ ପାଇଁ ପ୍ରସ୍ତୁତ ହୋଇଥିବା ଯୋଜନା ଓ ତାହାର କାର୍ଯ୍ୟାନ୍ୱୟନ ସଂପର୍କରେ ସମୀକ୍ଷା କରାଯାଇଥିଲା । ଜାତୀୟ କୃଷି ମିଶନ ଓ ରାଜ୍ୟ ଯୋଜନା ଅନ୍ତର୍ଗତ ପନିପରିବା ଚାଷ, ମସଲା ମିଶନ, ପ୍ରଧାନ ମନ୍ତ୍ରୀ କୃଷି ସଂଚନ ଯୋଜନା, ରାଷ୍ଟ୍ରିୟ କୃଷି ବିକାଶ ଯୋଜନା, ଓଡିଶା ସମନ୍ୱିତ ଜଳସେଚନ ପ୍ରକଳ୍ପରେ ଜଳବାୟୁ ସମ୍ବେଦନଶୀଳ କୃଷି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇ ଯୁବପିଢୀଙ୍କୁ କୃଷି ପ୍ରତି ଆକର୍ଷିତ କରିବା ପାଇଁ ପଲି ହାଉସ କୃଷି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଫଳ, ପନିପରିବାର ସଂରକ୍ଷଣ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳିତ ସଂଘ ଦ୍ୱାରା କିପରି ସୌରଚାଳିତ ଶୀତଳ ଭଣ୍ଡାର ପରିଚାଳନା କରାଯାଉଛି ସେ ସଂପର୍କରେ ଆଲୋଚନା କରାଯାଇଥିଲା । ଜିଲ୍ଲାରେ ସୌରଶକ୍ତି ଚାଳିତ ଶୀତଳ ଭଣ୍ଡାର ସଂଖ୍ୟା ବୃଦ୍ଧି କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ । ପ୍ରାଣୀ ସଂପଦ ବିଭାଗର କାର୍ଯ୍ୟାବଳୀ ଯଥା କୁକୁଡା, ଛେଳି ପାଳନ ସଂପର୍କରେ ସମୀକ୍ଷା କରାଯାଇଥିଲା । ବିଦ୍ୟାଳୟ ଗଣଶିକ୍ଷା ବିଭାଗର କାର୍ଯ୍ୟାବଳୀ - ଜିଲ୍ଲାରେ ଖାଲି ପଡିଥିବା ବିଭିନ୍ନ ବର୍ଗର ଶିକ୍ଷକ ପଦବୀ ଏବଂ ପୂରଣ ନିମନ୍ତେ ନିଆଯାଇଥିବା ପଦକ୍ଷେପ, ଜଣେ ଶିକ୍ଷକ ଥିବା ବିଦ୍ୟାଳୟମାନଙ୍କରେ ଅତିରିକ୍ତ ଶିକ୍ଷକ ନିଯୁକ୍ତି, ଅତିଥି ଶିକ୍ଷକ ନିଯୁକ୍ତି, ବିଭିନ୍ନ ବିଦ୍ୟାଳୟମାନଙ୍କରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ଆବଶ୍ୟକ ହେଉଥିବା ବିଦ୍ୟାଳୟମାନଙ୍କରେ ପାକଶାଳା ନିର୍ମାଣ, ହଷ୍ଟେଲ୍ ପରିଚାଳନା, ଓଡିଶା ଆଦର୍ଶ ବିଦ୍ୟାଳୟ ଓ ଛାତ୍ରାବାସ / ଛାତ୍ରୀନିବାସ ପରିଚାଳନା, ଆବଶ୍ୟକୀୟ ହେଉଥିବା ବିଦ୍ୟାଳୟ ଗୃହର ମରାମତି, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟମାନଙ୍କରେ ପରିଚାଳନା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । କେନ୍ଦୁଝର ଜିଲ୍ଲାରେ ନବମ, ଦଶମ ଶ୍ରେଣୀର ଛାତ୍ର/ଛାତ୍ରୀମାନଙ୍କୁ ମଧାହ୍ନ ଭୋଜନ ଯୋଗାଣ, ବିନା ମୂଲ୍ୟରେ ପାଠ୍ୟପୁସ୍ତକ ଯୋଗାଣ ଏବଂ ୟୁନିଫର୍ମ ଯୋଗାଣ ସଂପର୍କରେ ଜିଲ୍ଲାପାଳ ଅବଗତ କରାଇଥିଲେ । ଏତଦ୍‌ବ୍ୟତୀତ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ବିଭାଗ ପରିଚାଳିତ ବିଦ୍ୟାଳୟ ଛାତ୍ରାବାସ / ଛାତ୍ରୀନିବାସର ପରିଚାଳନା, ଯୁକ୍ତ ୨ ଶ୍ରେଣୀ ଖୋଲିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ଆବଶ୍ୟକସ୍ଥଳେ ଭିତିଭୂମିର ବିକାଶ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟାବଳୀ, ଜିଲ୍ଲା ହସପିଟାଲ୍, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କର ଭିତିଭୂମିର ବିକାଶ, ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଡାଇଲୋସିସ୍ କେନ୍ଦ୍ର ସ୍ଥାପନ, ବିଭିନ୍ନ ଚିକିତ୍ସାଳୟରେ ଡାକ୍ତର ନିଯୁକ୍ତି, ଖାଲି ପଡିଥିବା ଡାକ୍ତର ଓ ପାରାମେଡିକାଲ୍ ଷ୍ଟାଫ୍ ନିଯୁକ୍ତି, ଉଖୁଣ୍ଡା ଡାକ୍ତରଖାନାର ନୂଆ ଗୃହ ନିର୍ମାଣ, ବିଭିନ୍ନ ଚିକିତ୍ସାଳୟରେ ବେଡ୍ ସଂଖ୍ୟା ବୃଦ୍ଧି, ନୂଆ ସବ୍ ସେଂଟର ସ୍ଥାପନ, ଆମ୍ବୁଲାନ୍ସ ଓ ସ୍ୱର୍ଗରଥ ସଂଖ୍ୟା ବୃଦ୍ଧି କରିବା, ଡି.ଏମ୍.ଏଫ୍. ସହଯୋଗରେ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ଇତ୍ୟାଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟାବଳୀ ଓ ହାତକୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଉପରେ ଆଲୋଚନା କରାଯାଇଥିଲା । ଡି.ଏମ୍.ଏଫ୍. ଏବଂ ଓମ୍ୟାଡିସି ଅନୁଦାନରେ ହାତକୁ ନିଆଯାଇଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସଂର୍ପକରେ ଆଲୋଚନା କରାଯାଇଥିଲା । ଧାର୍ଯ୍ୟ ସମୟସୀମା ମଧ୍ୟରେ ଜନସାଧରଣଙ୍କୁ ପାନୀୟ ଜଳ ଯୋଗାଇବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା

ବିଭିନ୍ନ ଯୋଜନା ଯଥା – ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ପିଏମ୍‌ଜିଏସ୍‌ୱାଇ ମିସିଙ୍ଗ୍ ଲିଙ୍କ୍ (ପୋଲ୍), ବିଜୁ ସେତୁ ଯୋଜନା, ମୁଖ୍ୟମନ୍ତ୍ରୀ ସଡକ ଯୋଜନା, ଡି.ଏମ୍.ଏଫ୍. ଓ ଓମ୍ୟାଡସି ଅନୁଦାନରେ ହାତକୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପର ସ୍ଥିତି ଓ ଅଗ୍ରଗତି ସଂପର୍କରେ ଆଲୋଚନା କରାଯାଇଥିଲା । ଏତଦ୍‌ବ୍ୟତୀତ ପୂର୍ତ୍ତବିଭାଗ, ବେସାମରିକ ଯୋଗାଣ, ଜଙ୍ଗଲ, ଜଳ ସଂପଦ ବିଭାଗ, ବିଦ୍ୟୁତ୍ ବିଭାଗ, ଖଣି ବିଭାଗୀୟ କାର୍ଯ୍ୟକ୍ରମ ସଂପର୍କରେ ବୈଠକରେ ଆଲୋଚନା କରାଯାଇ ସମୀକ୍ଷା କରାଯାଇଥିଲା । ଜିଲ୍ଲାବାସୀଙ୍କର ଓ ଜିଲ୍ଲାର ସାମଗ୍ରିକ ବିକାଶ ନିମନ୍ତେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଠିକ ରୂପାୟନ ପାଇଁ ସାଂସଦ ଓ ବିଧାୟକବୃନ୍ଦ ବୈଠକରେ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ । ରିପୋର୍ଟ ପ୍ରସ୍ତୁତ ବେଳକୁ ଜିଲ୍ଲା ପରିଷଦ ଅଧିବେଶନ ଜାରି ରହିଥିଲା ।

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର